## ୨ ଅହିରାଜ ସାପ ଉଦ୍ଧାର

ପାତ୍ରପୁର, (ଉମା ଚରଣ ନେପାକ):ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ଜରଡ଼ା ଖଣ୍ଡିଆସାହିସ୍ଥିତ ଘରବାରିରୁ ରବିବାର ମଧରାତ୍ରରେ ଏକ ଅହିରାଜ ସାପ ରହିଥିବା ଲୋକଙ୍କ ନଜରକୁ ଆସିଥିଲା। ସାପକୁ ଉଦ୍ଧାର ପାଇଁ ଚିକିଟି ସ୍ନେକ ହେଲ୍ପ ଲାଇନକୁ ଗ୍ରାମବାସୀ ଖବର ଦେଇଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ଟିମ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ପହଞ୍ଚି ୧୩ ଫୁଟ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। ସେହିପରି ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ କୃଷ୍ଣଚରଣ ପୁରଠାରେ ମଧ ୧୦ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର ହୋଇଛି। ଜଙ୍ଗଲରେ ନିଆଁ ଲାଗୁଥିବା ହେତୁ ଅହିରାଜ ସାପ ସହ ଅନେକ ଜଙ୍ଗଲ ଜନ୍ତୁ ଗ୍ରାମାଭିମୁଖି ହେଉଥିବା ଦେଖିବାକୁ ମିଳୁଛି।

**ସଂକ୍ଷେପରେ**

## ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୩।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଅନ୍ତର୍ଗତ ଲାବାଣ୍ୟଗଡରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାବାଣ୍ୟଗଡ ଗ୍ରାମର ଅଭିମନ୍ୟୁ ପାରିଗା (୩୯)। ଅଭିମନ୍ୟୁ ଚାଷ କାମରେ ଜମିକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ତେବେ ରାତି ୧୦ଟାରେ ଜମି ପାର୍ଶ୍ୱରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ନେଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳକୁ ପଠାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗାରାବନ୍ଧ ଥାନାରେ ୪/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଏଏସ୍ଆଇ କେ.ରବି କୁମାର କହିଛନ୍ତି। ଅଭିମନ୍ୟୁ ଅତି ଗରିବ, ଚାଷଜମିରେ ଦିନମଜୁରିଆ ଭାବେ କାର୍ଯ୍ୟକରି ପରିବାର ଚଳାଉଥିଲେ। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଶେରଗଡ଼, ୧୩।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ଖିଜିଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ବିଡ଼ିଓ ତୃପ୍ତିମୟୀ ଜେନା ଅଧ୍ୟକ୍ଷତା କରିଥିଲେ। ଶୁଣାଣିରେ ୩୪ଟି ଅଭିଯୋଗ ଆସିଥିଲା। ରାଶନ କାର୍ଡ, ଚିକିତ୍ସା ସହାୟତା, ଆମ ଯୋଜନା, ଭତ୍ତା, ସମ୍ପର୍କିତ ଅଭିଯୋଗମାନ ଆସିଥିଲା। ତହସିଲଦାର ତ୍ରିଦେବ ରଥ, ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଜଳ ପରିମଳ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ, ସହକାରୀ ଯୋଗାଣ ନିରୀକ୍ଷକ ବିଭୁପ୍ରସାଦ ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ଗ୍ରାମ ସେବକ ପିଣ୍ଟୁ ମହାରଣା ମାନେ ଉପସ୍ଥିତ ଥିଲେ। ଗ୍ରାମ ସେବକ ପିଣ୍ଟୁ ମହାରଣା, ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ କାଟ୍, ଲୋକେ ହନ୍ତସନ୍ତ

ଶେରଗଡ଼/ ବୁଗୁଡ଼ା, ୧୩।୪(ସୂର୍ଯ୍ୟ ନାରାୟଣ ଦାଶ/ କାଳିଚରଣ ଦାଶ)– ଶେରଗଡ଼ ବ୍ଲକରେ ଏବେ ଖରାବେଳେ ଓ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟ ହେଉଛି। ଅପରାହ୍ନ ୩/୪ଟା ସମୟରେ ବିଦ୍ୟୁତ୍ ଚାଲି ଯାଉଛି। ଏପରି ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କୁ ହନ୍ତସନ୍ତ କରୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ବୁଗୁଡା ଅଞ୍ଚଳରେ ବିନା ମେଘ ପବନରେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛନ୍ତି। ଜଳ ଯୋଗାଣ ମଧ ବାଧାପ୍ରାପ୍ତ ହେଉଛି। ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ବୁଗୁଡ଼ାରେ ଉପୁଜୁଛି ଟ୍ରାଫିକ ସମସ୍ୟା, ପ୍ରତିକାର ଦାବି

ବୁଗୁଡ଼ା, ୧୩।୪(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡା ସହରର ମୁଖ୍ୟ ସଡକ ସମେତ ବିଭିନ୍ନ ଛକରେ ଗାଡିମୋଟର ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ମୁଖ୍ୟ ରାସ୍ତାରେ ପ୍ରତେହ ବହୁ ଗାଡିମୋଟର ଚଳାଚଳ କରୁଥିବା ବେଳେ ବିଭିନ୍ନ ବ୍ୟବସାୟୀ ରାସ୍ତା ଉପପରକୁ ମଡାଇ ପସରା ଖୋଲି ବ୍ୟବସାୟ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା ସମାଧାନ କରିବାକୁ ଦୀର୍ଘ ସମୟ ଲାଗିଯାଉଛି। ଅନେକ ସମୟରେ ରାସ୍ତା ଉପରେ



ସହରରେ ସୃଷ୍ଟି ହୋଇଥିବା ଟ୍ରାଫିକ୍ ସମସ୍ୟା।

ପାଟିତୁଣ୍ଡ ସାଙ୍ଗକୁ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ ବେଳେ ବେଳେ ଏହି ଟ୍ରାଫିକ୍ ଭିଡରେ ଫଶି ଅଟକିଯାଉଛି। ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଟ୍ରାଫିକ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଏନ୍ଏସି ଏବଂ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ମଦନ ମୋହନ ଛକ ଠାରୁ ବଡଶଙ୍ଖ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଡିଭାଇଡର ନିର୍ମାଣ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଜବରଦଖଲ ଉଚ୍ଛେଦ ସରିଥିଲେ ମଧ ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନି। ଏନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ଆମ ରୁଚି, ଆମ ଖାଦ୍ୟର ମଜା ନେଲେ ସମସ୍ତେ

ଫୁଲବାଣୀ/ ଦାରିଙ୍ଗବାଡି/ ଜି.ଉଦୟଗିରି, ୧୩।୪(ରାକେଶ ରାଉତ/ ଅରୁଣ ସାହୁ/ ଶିଶିର ପଟ୍ଟନାୟକ /ଚିନ୍ମୟ ସେଠୀ)

ଓଡିଆ ପକ୍ଷ ପାଳନ ଅବସରରେ ସୋମବାର ଆମ ଖାଦ୍ୟ, ଆମ ରୁଚି କାର୍ଯ୍ୟକ୍ରମ ଜିଲା ସଂସ୍କୃତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତତ ହୋଇଛି। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରା ଯାଇଥିଲା। ଅତିଥି ଏବଂ ବିଚାରକମାନେ ଉତ୍ତମ ଖାଦ୍ୟ ପରିବେଷଣ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୫ ହଜାର, ଦ୍ୱିତୀୟ ସ୍ଥାନ ୧୦ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା। ପରେ ଓଡିଆ ପାରମ୍ପରିକ ଖାଦ୍ୟର ଆସର ବସିଥିଲା। ସମସ୍ତ ଅତିଥି, ବିଚାରକ ଏବଂ ଭାଗ ନେଇଥିବା ସ୍ୱୟଂ ସହାୟିକା ମହିଳାମାନେ ପଖାଳଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ଓଡିଆ ଖାଦ୍ୟର ମଜା ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ତଥା ପିଏ ଆଇଟିଡିଏ ଗଦାଧର ପାତ୍ର, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ ବାଣୁଆ, ଫୁଲବାଣୀ ବିଡିଓ ସୌମ୍ୟରଞ୍ଜନ ପାତ୍ର, ଏସିଏଫ ସ୍ୱେତାଲିନା ସାହୁ,



ଫୁଲବାଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଏସ୍ଏଚ୍ଜିଙ୍କୁ ପୁରସ୍କୃତ କରାଯାଉଛି।

ଏସ୍ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଫୁଡ ଇନ୍ସପେକ୍ଟର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଦାରିଙ୍ଗବାଡି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଞ୍ଚଳର ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ କୃତୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆନନ୍ଦମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀୟା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ଏବଂ ଆଶା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜି.ଉଦୟଗିରି ବ୍ଲକ ସଭା ଗୃହରେ ସୋମବାର ଓଡ଼ିଆ ପକ୍ଷ ଦିବସ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯନ୍ତ୍ରୀ ଅସିତ୍ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁ, କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନଳିନୀ ପାଣିଗ୍ରାହୀ, ଖବରଦାତା ଅରୁଣ ଷଡଙ୍ଗୀ, ସରପଞ୍ଚ ତ୍ରିଶିଳା ପ୍ରଧାନ, ବଙ୍କିମଲ୍ଲିକ, ଅନିଲ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବ୍ଲକ୍ ଓ ଏନଏସିର ଅଧିକାରୀ, କାଉନସିଲର, ସରପଞ୍ଚ, ସମିତିସଭ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ଗଞ୍ଜାମ, ୧୩।୪(ଅନାଥ ତରାଇ/ବିଦ୍ୟାଧର ସାହୁ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ସୋମବାର ଏକ ରକ୍ତଦାନ ଶିବିର ହୋଇଛି। ଛାତ୍ରୀଛାତ୍ର ଓ କର୍ମଚାରୀ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ମୋଟ ୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅଧ୍ୟକ୍ଷା ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ଏସ.କେ. ସେଠୀ, ଡକ୍ଟର ଡି.ପି. ଦାସ, ଡକ୍ଟର ଅନିତା ଦଳାଇ, ଖୁସୁବୁ ନାଜ, ଅରୁନ୍ଧୁଥୀ ସିଂ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଗଞ୍ଜାମ, ୧୩।୪ (ଅନାଥ ତରାଇ)

ଗଞ୍ଜାମ ସହରସ୍ଥିତ ବରପଲ୍ଲୀ ଗ୍ରାମର ପୂର୍ବତନ ସରପଞ୍ଚ ନରସିଂହ ପଲାଇ (୭୭)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ସକାଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ପଲାଇଙ୍କ ପରଲୋକ ହୋଇଥିଲା। କଂଗ୍ରେସ ଦଳର ସ୍ୱର୍ଗତ ପଲାଇ ୧୯୭୨ରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କୁ ପରାଜିତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏନଏସି ଗଠନ ପୂର୍ବରୁ ସେ ସେହି ଅଞ୍ଚଳର ଶେଷ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ।

## ରମ୍ଭାରେ ସାରସ୍ୱତ ସମାରୋହ

ରମ୍ଭା, ୧୩।୪(ବନବାସୀ ସେଠୀ)

ରମ୍ଭା ଏନ୍ଏସି ପକ୍ଷରୁ ଅମୃତ ପିଢ଼ି ସାରସ୍ୱତ ସମାରୋହ ଚିଲିକା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ସାରସ୍ୱତ ସମାରୋହକୁ ଏନ୍ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତାଭାବେ ଡକ୍ଟର ବିଜୟାନନ୍ଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ କାଳିଆ ତରେଇ ଏବଂ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଯୋଗ ଦେଇଥିଲେ। ଏନ୍ଏସି ତରଫରୁ ପରିଷଦର ୱାର୍ଡ ସଭ୍ୟ ଏବଂ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠରେ ଡା. ସରୋଜକାନ୍ତ ଦାସ, ପଞ୍ଚାନନ ଖଟୁଆ ସଂଯୋଜନା କରିଥିଲେ।

# ଅନ୍ଧକାରରେ, ଅବହେଳିତ ଅବସ୍ଥାରେ ଶିଶୁ ଉଦ୍ୟାନ

ଛତ୍ରପୁର, ୧୩।୪ (ଦିଲୀପ ସାମଲ)

ଗଞ୍ଜାମ ଜିଲା ସଦର ଛତ୍ରପୁର ସହରରେ ଥିବା ଏକମାତ୍ର ଶିଶୁ ଉଦ୍ୟାନ ଅବହେଳିତ ହୋଇପଡିଛି। ଏଠାରେ ଆଲୋକ ବ୍ୟବସ୍ଥା ବିଶେଷ ଭାବେ ନଥିବାରୁ ଶିଶୁମାନେ ଅଳ୍ପ ସମୟ ଖେଳିବା ପରେ ଘରକୁ ଫେରିଯିବାକୁ ବାଧ ହେଉଛନ୍ତି। ସ୍କୁଲରୁ ଫେରି ଶିଶୁମାନେ ଅପରାନ ସାଢେ ୪ଟା ପରେ ଏହି ଉଦ୍ୟାନକୁ ସାଙ୍ଗସାଥୀଙ୍କ ସହ ଖେଳିବାକୁ ଆସନ୍ତି। ମାତ୍ର ସେମାନେ ଅଳ୍ପ ସମୟ ଖେଳିଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ଘରକୁ ଫେରିଯାନ୍ତି। କାରଣ ଏଠାରେ ଆଲୋକ ନ ଥିବାରୁ ସନ୍ଧ୍ୟା ହେଲେ ଅନ୍ଧାର ଘୋଟିଆସେ। ଏହି ଉଦ୍ୟାନରେ ଥିବା ୭ଟି ଆଲୋକ ଖୁଣ୍ଟ ମଧ୍ୟରୁ କେବଳ ୨ଟି ଖୁଣ୍ଟରେ ଲାଗିଥିବା ଲାଇଟ କାର୍ଯ୍ୟ କରୁଛି। ଅନ୍ୟ ସମସ୍ତ ଲାଇଟ ଦୀର୍ଘ ଦିନରୁ ଖରାପ ହୋଇ ପଡ଼ିଛି। ଏହାକୁ ଆଉ



ଛତ୍ରପୁରରେ ଥିବା ଶିଶୁ ଉଦ୍ୟାନ।

ସଜଡ଼ା ଯାଉନାହିଁ। ଫଳରେ ଉଦ୍ୟାନର ୯୦ ଭାଗ ଅନ୍ଧାର ଭିତରେ ରହୁଛି। ଏହା ଅତ୍ୟନ୍ତ ବିପଦଜ୍ଜନକ ପରିବେଶ ସୃଷ୍ଟି କରୁଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିଶୁ ଉଦ୍ୟାନରେ ଅନାବନା ଘାସ, ଗଛ, ଲଟା, ଶୁଖିଲା ପତ୍ର ଏଣେତେଣେ ପଡ଼ିରହୁଛି। ଏସବୁ ନିୟମିତ ସଫା କରାଯାଉନାହିଁ। ସରକାର ବିଭିନ୍ନ କାର୍ଯ୍ୟକ୍ରମରେ ସହରକୁ ଆଲୋକମୟ କରି ରଖୁଥିବା ବେଳେ ଶିଶୁଙ୍କ ଆବଶ୍ୟକତା ଥିବା ଏହି ଶିଶୁ ଉଦ୍ୟାନକୁ ଗୁରୁତ୍ୱ ଦେଉନାହାନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଶିଶୁ ଉଦ୍ୟାନରେ ଲାଇଟ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଧରାକୋଟ, ୧୩।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଜଗମୋହନ ଗ୍ରାମରେ ୩ ଦିନ ଧରି ଚାଲିଥିବା ଶ୍ରୀ ମହାବୀର ହନୁମାନଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋବାର ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଦିନ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରା ରୋପଣ ପରେ ଘୃତ ଯଜ୍ଞ, ନାମ ଯଜ୍ଞ,ବିଗ୍ରହ ପ୍ରତିଷ୍ଠାପରେ ଅର୍ଣ୍ଣ ପ୍ରସାଦ ସେବନ ସହ ନଗର ପରିଭ୍ରମଣ କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଧରାକୋଟ ରାଜ ଜେମା ଶାନ୍ତିପ୍ରିୟା ଦେବୀ ଯୋଗଦେଇ ପୂର୍ଣ୍ଣାହୂତି ପ୍ରଦାନ କରିଥିବା ବେଳେ ସତୀମଠ ମହନ୍ତ କୃପାସିନ୍ଧୁ ଦାସ ମହାରାଜ ଉପସ୍ଥିତ ରହିଥିଲେ। ପ୍ରତିଷ୍ଠା କାର୍ଯ୍ୟରେ କର୍ତ୍ତା ଭାବରେ ଲକ୍ଷ୍ମଣ ବଡତ୍ୟା ଓ ତାଙ୍କ ପତ୍ନୀ ସୁଗ୍ୟାନି ବାଡତ୍ୟା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଭାବରେ ବସନ୍ତ ରଥ କାର୍ଯ୍ୟ ସମାପନ କରିଥିଲେ। ମୁଖ୍ୟ ସହଯୋଗୀ ଭାବରେ ତ୍ରିଲୋଚନ ସାହୁ, ପ୍ରକାଶ ସାହୁ, ପ୍ରମୋଦ କୁମାର ମହାରଣା ରହିଥିବା ବେଳେ ଜଗମୋହନ ଗ୍ରାମବାସୀ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ।

## ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି
# ଭଞ୍ଜନଗରରୁ ଗନ୍ଧମାର୍ଦ୍ଦନ, ଆସିକାରୁ ବିକାଶଙ୍କୁ ଦାୟିତ୍ୱ

ଭଞ୍ଜନଗର, ୧୩।୪(ବାବୁଲା ପ୍ରଧାନ)

ଭାଜପା ଅନୁସୂଚିତ ଜାତି (ଏସ୍‌ସି) ମୋର୍ଚ୍ଚା ଜିଲା ସଭାପତି ସୋମବାର ଘୋଷଣା ହୋଇଛି। ଏଥିରେ ଭାଜପା ଭଞ୍ଜନଗର ସାଂଗଠନିକ ଜିଲା (ଘୁମୁସର) ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ଗନ୍ଧମାର୍ଦ୍ଦନ ସେଠୀ ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଛନ୍ତି। ଭାଜପା ଆସିକା ସାଙ୍ଗଠନିକ ଜିଲା (ଘୁମୁସର) ସଭାପତି ଭାବେ ବିକାଶ ସେଠୀ ମନୋନୀତ ହୋଇଛନ୍ତି। ଗନ୍ଧମାର୍ଦ୍ଦନ ଭଞ୍ଜନଗର ସାଙ୍ଗଠନିକ ଜିଲା ପୋଲସରା ନିର୍ବାଚନ ମଣ୍ଡଳୀ ବାସିନ୍ଦା ହୋଇଥିବା ବେଳେ ବିକାଶ ଆସିକା ସାଙ୍ଗଠନିକ ଜିଲାର। ଗନ୍ଧମାର୍ଦ୍ଦନ ଏହା



ଗନ୍ଧମାର୍ଦ୍ଦନ ସେଠୀ।

ପୂର୍ବରୁ ୩ ବର୍ଷ ଏହି ପଦବୀରେ ଥିଲେ। ଦଳ ତାଙ୍କୁ ବିଶ୍ୱାସକୁ ନେଇ ପୁଣି ଏହି ପଦବୀରେ ନିଯୁକ୍ତି ଦେଇଛି।

## ଜନଗଣନା ତାଲିମ ଶିବିର

ଧରାକୋଟ, ୧୩।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲ ପକ୍ଷରୁ ଜନଗଣନା ତାଲିମ ଶିବିର ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଏବିଇଓ ସୌରୀ ଶଙ୍କର ବେହେରା, କ୍ଷେତ୍ର ତାଲିମକାରୀ ବିରୁପାକ୍ଷ ପରିଡ଼ା, ହରେକୃଷ୍ଣ ଖଣ୍ଡୁଆଳ ପ୍ରମୁଖ ଗଣନା ଆରମ୍ଭରୁ ୩୦ ଜଣ ସୁପରଭାଇଜର ଓ ୧୮୪ ଜଣ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସମସ୍ତଙ୍କୁ ଜନଗଣନା ସହାୟକ ପୁସ୍ତିକା ପ୍ରଦାନ କରାଯାଇଥିଲା। ନିର୍ଭୁଲ ଓ ଠିକ ଭାବରେ ଏହି ଗଣନା କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ଉପରେ ଚାର୍ଜ ଅଫିସର ଓ ଅନ୍ୟାନ୍ୟ ତାଲିମ ଦାତାମାନେ ଗୁରୁତ୍ୱ ଆରୋପ କରିଥିଲେ।

## ଭଞ୍ଜନଗର ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଭଞ୍ଜନଗର, ୧୩।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପିଏମ୍‌ଶ୍ରୀ ୟୁ.ବି. ହାଇସ୍କୁଲଠାରେ ବ୍ଲକର ଓଷ୍ଟା ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଦିଲୀପ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ସନ୍ତୋଷ ଜେନା, ସମ୍ପାଦକ ବିଜୟ ବେହେରା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ପୋଲାଇ, ଜିଲା ଉପଦେଷ୍ଟା ଭିକାରୀ ଚରଣ ଗୌଡ଼, ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ଯୋଗ ଦେଇ ଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର କୃତ୍ତିବାସ ବିଶ୍ୱାଳ ଯୋଗଦେଇ ଓଷ୍ଟାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଉଷା ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବ୍ଲକ ସମ୍ପାଦକ ଗୌରୀନନ୍ଦନ ହୋତା ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ କାମରାଜୁ ଗୌଡ଼, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉମାକାନ୍ତ ନାହାକ ସଙ୍ଗଠନ ସୁଦୃଢ ହେବା ନେଇ କହିଥିଲେ। ଏହି ଅବସରରେ ଓଷ୍ଟା ଭଞ୍ଜନଗର ବ୍ଲକର ଏକ ନୂତନ ବ୍ଲକ କମିଟି ଗଠନ ହୋଇଥିଲା। ସଭାପତି ଭାବେ ଉମାକାନ୍ତ ନାହାକ, ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବୈଜୟନ୍ତୀମାଳା ପ୍ରିୟଦର୍ଶନୀ ହୃଷିକେଶ ନାୟକ, ସମ୍ପାଦକ ସତ୍ୟବାନ ସାହୁ, ଯୁଗ୍ମସମ୍ପାଦକ ପ୍ରମୋଦ ପାତ୍ର, ଶେଷଦେବ ସାହୁ, ପ୍ରଦୀପ ଗୌଡ଼, ରୀତା ସାହୁ, ଜିଲା ସଦସ୍ୟ ମନୋରଞ୍ଜନ ପଣ୍ଡା, ଲକ୍ଷ୍ମୀଧର ସଂଗ୍ରାମ ସିଂ, କାମରାଜୁ ଗୌଡ଼, ମହେନ୍ଦ୍ର ଘଡେଇ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ୫ଜଣଙ୍କୁ ମନୋନୀତ କରାଯାଇଥିଲା।

# ଜାତୀୟ ରଗ୍‌ବୀ ଚାମ୍ପିୟନ ଟିମ୍‌ର ଚିନା ଶବରଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୧୩।୪(ଗିରିଧାରୀ ପରିଚ୍ଛା)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିୟନଶିପ୍‌ରେ ୧୪ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ଓଡ଼ିଶା ଦଳ ଶ୍ରେଷ୍ଠ ପ୍ରତିଭା ପ୍ରଦର୍ଶନ କରି ଚାମ୍ପିୟନ ହୋଇଛି। ଏହି ଟିମ୍‌ରେ ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜିବା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଚିନା ଶବର ସାମିଲ ହୋଇଥିଲା। ଟିମ୍‌ରେ ତାଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ୧୨ଜଣିଆ ଓଡ଼ିଶା ଦଳରେ ସେ ନିଜର ଦକ୍ଷତା, ସାହସ ଓ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଅଧିନାୟକ ଗୋପୀ ମାଝୀଙ୍କ ନେତୃତ୍ୱରେ ଦଳ ବିଜୟୀ ହୋଇଛି। ଗତ ସପ୍ତାହରେ ଆୟୋଜିତ ଲିଗ ପର୍ଯ୍ୟାୟରେ ମଧ୍ୟପ୍ରଦେଶ, ଜମ୍ମୁ କାଶ୍ମୀର ଏବଂ ଦିଲ୍ଲୀ ପରି ଶକ୍ତିଶାଳୀ ଦଳଗୁଡ଼ିକୁ ପରାସ୍ତ କରି ଓଡ଼ିଶା ଆଗକୁ ବଢ଼ିଥିଲା। କ୍ୱାର୍ଟର ଫାଇନାଲରେ ପଞ୍ଜାବ, ସେମି ଫାଇନାଲରେ ମହାରାଷ୍ଟ୍ରକୁ



ଚିନା ଶବରଙ୍କୁ ସମ୍ବର୍ଦ୍ଧିତ କରି ପାଛୋଟି ଅଣାଯାଇଛି।

ପରାସ୍ତ କରି ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ବିହାର ଦଳକୁ ପରାସ୍ତ କରି ଓଡ଼ିଶା ଦଳ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କମିଶନର ତଥା ଶାସନ ସଚିବ ଡ. ଏନ. ତିରୁମଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଓଡ଼ିଶା ରଗବୀ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଓ ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଫୁଲମଣୀ ମୁର୍ମୁ ଉପସ୍ଥିତ ଥିଲେ। ସେମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଯୁବ ଖେଳାଳିମାନଙ୍କ ଦଳୀୟ ମନୋଭାବ, ଶୃଙ୍ଖଳା ଓ ଅଦମ୍ୟ ଉତ୍ସାହକୁ ଭୂୟସୀ ପ୍ରଶଂସା କରିଥିଲେ। ବିଜୟୀ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ପରେ ଜିବା ଗ୍ରାମରେ ପଞ୍ଚାୟତ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟାସଦସ୍ୟା, ବିଦ୍ୟାଳୟପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏକ ଶୋଭାଯାତ୍ରାରେ ଖେଳ ଶିକ୍ଷକ ଶିବରାମ ଭୂୟାଁ ଏବଂ ଖେଳାଳି ଚିନା ଶବରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ପାଛୋଟି ଆଣିଥିଲେ। ଏହି ଅବସରରେ ଗଜପତି ଜିଲା ଶିକ୍ଷା ଅଧିକାରୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସରିଲା ମା'ରୁଦ୍ରକାଳୀଙ୍କ ୧୩ ଦିନ ଦଣ୍ଡଯାତ୍ରା

ଜି.ଉଦୟଗିରି/ ବାଲିଗୁଡା, ୧୩।୪(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ/ ସଞ୍ଜୟ ପାଣିଗ୍ରାହୀ)

ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଠାକୁରାଣୀ ମା'ରୁଦ୍ରକାଳୀଙ୍କ ପାରମ୍ପରିକ ୧୩ ଦିନିଆ ଦଣ୍ଡଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଗତ ୧ ରୁ ଏହା ଆରମ୍ଭ ହୋଇଥିଲା। ମା'ରୁଦ୍ରକାଳୀ ଓ ଆନନ୍ଦେଶ୍ୱର ମହାଦେବଙ୍କ ସେବା ନିମନ୍ତେ ୧୩ ଭୁକୁତା, ମାନସିକଧାରୀ ଦଣ୍ଡୁଆ ଭକ୍ତଙ୍କ ସହ ମନ୍ଦିରରୁ ବାହାରି ବିଭିନ୍ନ ଗ୍ରାମର ମାନସିକଧାରୀ ଭକ୍ତଙ୍କ ନିକଟକୁ ଯାତ୍ରା କରି ଶେଷ ଦିନରେ ନିଜ ମନ୍ଦିରରେ ପୂଜା ପାଇଛନ୍ତି। ମା'ଙ୍କ ମେରୁଯାତ୍ରା ପୂର୍ବରୁ ସକାଳେ ମନ୍ଦିର ତରଫରୁ ଆନନ୍ଦେଶ୍ୱର ମହାଦେବ ଓ ମା'ରୁଦ୍ରକାଳୀଙ୍କୁ ବରଣ କରି ଅଣାଯିବା ପରେ ଅପରାହ୍ନରେ ନୂତନ ମନ୍ଦିର ନିକଟରେ ଧୂଳିଦଣ୍ଡ ହୋଇଥିଲା। ଧୂଳିଦଣ୍ଡ ସରିବା ପରେ



ଠାକୁରଙ୍କ ସନ୍ଧ୍ୟା ସମୟର ପାଣିଦଣ୍ଡ ସରିବା ପରେ ମନ୍ଦିରରେ ଝାମୁଯାତ୍ରା ହୋଇଥିଲା। ଝାମୁଯାତ୍ରା ପରେ ସମସ୍ତ ଉପାସିଆ ଶ୍ରଦ୍ଧାଳୁ ମା'ଙ୍କ ପାଦୁକା ସାରି ଉପବାସ ଭାଙ୍ଗିଥିଲେ। ରାତିରେ ପାରମ୍ପରିକ ଦଣ୍ଡ ନୃତ୍ୟ ପରେ ସାମାଜିକ ନାଟକ 'ମଣିଷ ଖୋଜୁଛି ଜରାନିବାସ' ମଞ୍ଚସ୍ଥ ହୋଇଥିଲା। ୧୩ ଦିନି ଧରି ଦଣ୍ଡଅଧିକାରୀ ଜବାଲାଲ ପରିଚ୍ଛାଙ୍କ ନେତୃତ୍ୱରେ କଠିନ ଦଣ୍ଡ ବିଧାନ ସହ ପାଟଭୁକ୍ତା ଶରଣ ପଞ୍ଜାର ମାଝୀଙ୍କ ଦ୍ୱାରା ଠାକୁରଙ୍କ ପୂଜା ପାଠ କରାଯାଇଥିଲା। ଯାତ୍ରା ସମୟରେ ଜୟ ନାୟକ, ଶ୍ୟାମ ପ୍ରଧାନ, ଆଦିତ୍ୟ ନାୟକ, ମଳୟ ମହାନ୍ତି ସହଯୋଗ କରିଥିଲେ। ବୀଣାକାର ଅଶ୍ୱିନୀ ନାୟକ ଦଣ୍ଡ ଯାତ୍ରା ମହିମା ଗାନ କରି ଚଳିତବର୍ଷର ଶେଷ ଦିନ ବୋଲି ଘୋଷଣା କରିଥିଲେ।

ସେହିପରି ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଚଳିତ ମାସ ୧ରୁ ଆରମ୍ଭ ହୋଇଥିବା ୧୩ଦିନିଆ ଦଣ୍ଡଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ବାଲିଗୁଡ଼ାର ମେରୁ ଯାତ୍ରା ସ୍ଥାନୀୟ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ହୋଇଥିବା ବେଳେ ବାଟାଗୁଡା, ସିଟୁପଡ଼ି, ବାରଖମା, ମୋହନଗିରୀ, କଟେରୀଭଟ୍ଟା, ରେବିଙ୍ଗିଆ, ଡାକା, ବାଲିଗାଡା, ଦାଉଙ୍ଗିଆ, ସିଟୁପାଙ୍ଗୁ ଓ କିଲୁପଡା ଭଳି ବିଭିନ୍ନ ଅଞ୍ଚଳର ପ୍ରତ୍ୟେକ କାଳୀ ମନ୍ଦିରରେ ହଜାର ହଜାର ମାନସିକ ଧାରୀଙ୍କ ଉପସ୍ଥିତିରେ ଏହି ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡ ପରେ ଜଳଘାଟରେ କାଳୀଙ୍କ ପୂଜା ହୋଇଥିଲା। ସମସ୍ତ ପୀଠରେ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି।

## ମାସନ୍ତ ମେରୁ ପାଳିତ

ଆସିକା, (ସୁରେନ୍ଦ୍ର ନାଥ ସାହୁ) ଆସିକା ସହରର ସୁନାମୁହଁ ସାହି ସଂଲଗ୍ନ ଦଣ୍ଡକାଳୀ ମନ୍ଦିରରେ ସୋମବାର ଆସିକାର ଦଣ୍ଡନାଚ ଦଳର ମାସନ୍ତ ମେରୁ ପର୍ବ ପାଳିତ ହୋଇଥିଲା । ସକାଳୁ ମା' କାଳୀଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ନିକଟରେ କାମନାକାରୀ ଦଣ୍ଡୁଆଙ୍କୁ ଧୂଳିଦଣ୍ଡ ଓ ମନ୍ଦିର ସଂଲଗ୍ନ ପୋଖରୀରେ ପାଣିଦଣ୍ଡ, ଅଗ୍ନିଦଣ୍ଡ କରାଯାଇ ପାଟଦଣ୍ଡୁଆଙ୍କୁ ଅଣାଯାଇଥିଲା । ମନ୍ଦିର ଦେଉଳରେ ଥିବା ମେରୁ ମଣ୍ଡପରେ ପୂଜାର୍ଚ୍ଚନା ପରେ ପାଟଦଣ୍ଡୁଆଙ୍କୁ ମୁଣ୍ଡ ତଳକୁ କରି ଝୁଲାଇ ଝୁଣା ମାଡ କରିବା ପରେ ମାନସିକଧାରୀ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ ।

## ସରିଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା

ଭଞ୍ଜନଗର,୧୩।୪(ବାବୁଲା ପ୍ରଧାନ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ ପରୀକ୍ଷା ସୋମବାର ସରିଛି । ଖୁବଶୀଘ୍ର ପରୀକ୍ଷା ଖାତା ମୂଲ୍ୟାୟନ ହେବ । ମେ'ମାସ ମଧ୍ୟରେ ହିଁ ପରୀକ୍ଷାଫଳ ପ୍ରକାଶନ ଲକ୍ଷ୍ୟ ରଖାଯାଇଛି । ଗତବର୍ଷ ଯୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷାଫଳ ପ୍ରକାଶନ ହୋଇଥିଲା । ଚଳିତ ବର୍ଷ ମଧ୍ୟ ସେହି ଲକ୍ଷ୍ୟ ରଖାଯାଇଛି । ପରୀକ୍ଷା ଫଳ ଆସୁଥିବା ପ୍ରକାଶିତ ହେଲେ ଛାତ୍ରୀ ଛାତ୍ର ମାନେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେବାରେ ସୁବିଧା ହେଉଛି । ଅପରପକ୍ଷରେ ଆଜି ପରୀକ୍ଷା ସରିବା ପରେ ଅନେକ କଲେଜ ରେ ଛାତ୍ରଛାତ୍ରୀ ମାନେ ବାଣ ଫୁଟାଇ ନାଚ ଗୀତରେ ମାତିଥିଲେ । ଏଥିସହ ଅବିର ଖେଳି ଖେଳିଥିଲେ । ଏଥିସହ ଛାତ୍ରୀ ଛାତ୍ର ମାନେ ସେମାନଙ୍କ ଷ୍ଟାଟସ ରେ କଲେଜ ଜୀବନର ଅନ୍ତିମ ଦିନ ଅନୁଭୂତି ବଖାଣିଥିଲେ ।

# ଆଶା ଆଶଙ୍କାରେ ବ୍ରହ୍ମପୁରର ବିକାଶ

## ଅଢ଼େଇ ବର୍ଷରେ ୩ କମିଶନରଙ୍କ ବଦଳି

ବ୍ରହ୍ମପୁର,୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗତ ଅଢ଼େଇ ବର୍ଷରେ ବ୍ରହ୍ମପୁର ମହାନଗର ନିଗମରୁ ୩ କମିଶନରଙ୍କ ବଦଳି ହୋଇଛି । କିଛି ଦିନ ତଳେ ବିଏମସି କମିଶନର ଥିବା ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ବଦଳି ହେବା ପରେ ନୂଆ କମିଶନର ଭାବେ ଏ.ଶସ୍ୟା ରେଡ୍ଡୀ ଯୋଗଦେଇଛନ୍ତି । ଜଣେ କମିଶନର ବ୍ରହ୍ମପୁରକୁ ଜାଣିଲା ବେଳକୁ ତାଙ୍କୁ ଏଠାରୁ ସ୍ଥାନାନ୍ତର ଯୋଗୁଁ ସହର ବିକାଶକୁ ନେଇ ବୁଦ୍ଧିଜୀବୀ ଆଶା ଆଶଙ୍କାରେ ରହିଛନ୍ତି । ୨୦୨୪ ମାର୍ଚ୍ଚରୁ ବ୍ରହ୍ମପୁରର ବିକାଶ ଅଟକି ଥିଲା । ତତ୍କାଳୀନ ବିଏମସି କମିଶନରଙ୍କ ସମୟରେ ନିଗମ ବହୁ ବିବାଦରେ ଛନ୍ଦି ହୋଇପଡ଼ିଥିଲା । ସହରର ବିକାଶ ଏକ ପ୍ରକାର ସ୍ଥାଣୁ ହୋଇଯାଇଥିଲା ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକ କହିଛନ୍ତି । ଜୁନ ୨୦୨୫ରେ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କମିଶନର ଦାୟିତ୍ୱ ନେଲେ । ସହରକୁ ବୁଝିବା ପାଇଁ ଅନ୍ୟୁନ ଦୁଇ ତିନି ମାସ ଆବଶ୍ୟକ । ତଥାପି ରାଜେଶିର୍କେ ସହର ଓ ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ରାଜସ୍ୱ ଆଦାୟ, ଉଠାଦୋକାନ ଉଚ୍ଛେଦ, ଜବରଦଖଲ ହଟାଇବା, ଇ-ଅଫିସ କାର୍ଯ୍ୟକାରୀ ଭଳି ଅନେକ ସଂସ୍କାରଧର୍ମୀ ପଦକ୍ଷେପ ନେଇଥିଲେ । ରାଜଶିର୍କେଙ୍କ ବଦଳି ପରେ ସେ କରିଥିବା କାର୍ଯ୍ୟ ପୁରା ହେବ କି ନାହିଁ ଚର୍ଚ୍ଚା ଚାଲିଛି । ସହରରେ କୁକୁର ବନ୍ଧ୍ୟାକରଣ ପ୍ରକ୍ରିୟା, ୨ବର୍ଷ ଧରି ଅଧାପନ୍ତରିଆ ଥିବା ଗୋଶାଳାରେ ଫେବ୍ରିକେଟେଡ ସିଟ ପକାଇ ପାଚେରୀ କରି ଗାଈ ରଖାଯାଉଛି । ବର୍ତ୍ତମାନ ଏଜେନ୍ସି ଜରିଆରେ ଏହାର ପରିଚାଳନା କରାଯାଉଛି । ଗଞ୍ଜାମ ହାଟ, ବିଜୁ ପଟ୍ଟନାୟକ ପାର୍କକୁ ଷ୍ଟ୍ରିମ ଲାଇନ କରି ଏଠାରେ ରାଜସ୍ୱ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ସେପଟେ ଗିରିମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବାର ଦୁଇବର୍ଷ ମଧ୍ୟ ମାଟି ମୁଠାଏ ପଡିନଥିଲା । ଏଥିପାଇଁ ତାହାରି ପଛ ଜାଗାକୁ ସେଥିରେ ମିଶାଗଲା । ଡିପିଆର୍ ପ୍ରସ୍ତୁତ କରି ସରକାରଙ୍କୁ ପଠାଯାଇଥିଲା । ବୈଷୟିକ ଓ ପ୍ରଶାସନିକ ମଞ୍ଜୁରି ପରେ ଏହାର ଟେଣ୍ଡର ଆହ୍ୱାନ ହୋଇଛି । କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ସହରର ବହୁ ଖୋଲାଜାଗା ଓ ପଡିଆକୁ ନେଇ କ୍ରୀଡ଼ା ପଦ୍ମ ପ୍ରକଳ୍ପର ଯୋଜନା କରିଥିଲେ ସେ । ବିଭିନ୍ନ ପଡିଆର ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ସେ ଖର୍ଚ୍ଚ କରିବାକୁ ଡିପିଆର୍ ପ୍ରସ୍ତୁତ କରିଛନ୍ତି । ବ୍ରହ୍ମପୁରରେ ଅଲିଭ ରିଡଲେ ମ୍ୟୁଜିୟମ, ଛତ୍ରପୁର ଅନ ସ୍ଲୋ ହାଇସ୍କୁଲ ପଡିଆରେ ଷ୍ଟାଡିୟମ ନିର୍ମାଣ, ଗୋପାଳପୁର, ନୋଳିଆ ନୂଆଗାଁ ଓ ଆଳେଶରରେ ବ୍ଲୁଫ୍ଲାଗ ବିଚର ଡିପିଆର, ସୁନାପୁର ବିଚରେ ୱାଟର ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେଇଥିଲେ । ହନୁମାନ ପ୍ରତିମୂର୍ତ୍ତି ପାର୍ଶ୍ୱରେ ଲାଇବ୍ରେରୀ ଓ ନାରୀ କେନ୍ଦ୍ର କରିବାକୁ ପରିକଳ୍ପନା ଥିଲା । ଏହା ଏବେ ଅଧାପନ୍ତରିଆ । ଏହି ଅଧାପନ୍ତରିଆ କାମର ବୋଝ ନୂଆ କମିଶନରଙ୍କ ଉପରେ ପଡ଼ିଛି । ଏହାକୁ କିଭଳି ଢଙ୍ଗରେ କରିବେ ନୂଆ କମିଶନର ତାକୁ ନେଇ ସହର ବାସୀ ଆଶା ଆଶଙ୍କାରେ ରହିଥିବା ସମାଜସେବୀ ରାଜେନ୍ଦ୍ର ପଣ୍ଡା, ଶ୍ୟାମ ସୁନ୍ଦର ଖାଡଙ୍ଗା, ଡା. ସାଗର ରଂଜନ ତ୍ରିପାଠୀ, ନାଟ୍ୟକାର ଅପୂର୍ବ ପଟ୍ଟନାୟକ ପ୍ରମୁଖ ମତ ଦେଇଛନ୍ତି । ତଥାପି ବ୍ରହ୍ମପୁରର ବିକାଶକୁ ନେଇ ସମସ୍ତେ ଆଶାବାଦୀ ଅଛନ୍ତି ।

## ମହାମାୟୀ ମହିଳା କଲେଜରେ ପାରମ୍ପରିକ ଖାଦ୍ୟମେଳା


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ କଲେଜର ଅଧ୍ୟାପିକାମାନେ ।

ବ୍ରହ୍ମପୁର,୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ମହାମାୟୀ ମହିଳା କଲେଜରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅବସରରେ ଏକ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଏଥିରେ ଯୋଗଦେଇ ମେଳାକୁ ଉଦଘାଟନ କରି ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ । ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗଦେଇଥିଲେ ।

# ଛାତ୍ରୀଛାତ୍ର ଦେଶ ବିକାଶର ସାରଥି

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବ୍ରହ୍ମପୁର, ୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ଲାଠି ଗ୍ରାମରେ ଥିବା ଶ୍ରୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ଦେବୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ହୋଇଛି । ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋୟୀ ଯୋଗଦେଇ ଛାତ୍ରୀଛାତ୍ର ନିଜ ବୌଦ୍ଧିକ ଜ୍ଞାନ ଜରିଆରେ ଆଗାମୀ ଦିନରେ ଦେଶ ବିକାଶର ସାରଥି ହୋଇପାରିବେ । ସେମାନେ ହେଉଛନ୍ତି ରାଷ୍ଟ୍ରର ଆଗାମୀ ଭବିଷ୍ୟତବୋଲି କହିଥିଲେ । ଭାରତୀୟ ପରମ୍ପରା ଆଧାରରେ ଶ୍ରୀବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରି ବିଦ୍ୟାଳୟରେ ଛାତ୍ରୀଛାତ୍ର ମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସହ ଶାରୀରିକ, ଆଧ୍ୟାତ୍ମିକ ଗୁଣର ବିକାଶ ହୋଇଥାଏ । ସମସ୍ତ ଅଭିଭାବକ ନିଜ ନିଜର ଶିଶୁଙ୍କୁ ଏହିପରି ବିଦ୍ୟାଳୟରେ ନାମଲେଖାଇ ପିଲାଙ୍କୁ ସଂସ୍କୃତି ସମ୍ପନ୍ନ କରିବା ସକାଶେ ସେ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟ ଅତିଥି ଭାବେ କେ. କ୍ରିଷ୍ଣା ମୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଲାଠି ପଞ୍ଚାୟତ ସରପଞ୍ଚ ରାଧାମାଧବ ସେଠୀ, ସମିତି ସଭ୍ୟ ଜଗନ୍ନାଥ ଭୂୟାଁ, ଜିଲା ପରିଷଦ ସଭ୍ୟା ମମତାଦାସ,ରାଜେନ୍ଦ୍ର ପଟ୍ଟନାୟକ, ସୁବାସ ଚନ୍ଦ୍ର ପାଢ଼ୀ, ହରିପ୍ରସାଦ ଦାଶ, ଗୌରାଙ୍ଗ ଚୌଧୁରୀ, ସୁମିତ୍ରା ନାୟକ ଉପସ୍ଥିତ ରହି ଶିଶୁ ମାନଙ୍କ ପ୍ରତି ବାପା ଓ ମାଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ । ବିଦ୍ୟାଳୟ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରି ଶ୍ରୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଏକମାତ୍ର ବିଦ୍ୟାଳୟ ଯେଉଁଠି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇଥାଏ ବୋଲି କହିଥିଲେ । ସେହିପରି ମଞ୍ଚରେ ଶ୍ରେଷ୍ଠ ୟୁଟ୍ୟୁବର ବ୍ରହ୍ମପୁର ଭାଇନା ଗ୍ରୁପର ୧୧ ସଦସ୍ୟାସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିଚାଳକ ଅମୂଲ୍ୟ କୁମାର ନାହାକ ଓ ସୁମିତ୍ରା ନାୟକ ମାନପତ୍ର ପ୍ରଦାନ କରିଥିଲେ । ଲାବଣ୍ୟ ଗୁରମା ଓ ତ୍ରିପତି ଗୁରୁଜୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶ୍ରେଷ୍ଠ ଅଭିଭାବକ ଭାବେ ଟୁକୁନା ଗୌଡ଼, ଶ୍ରେଷ୍ଠ ଗୁରୁମା ଭାବେ ଲଳିତା ଗୁରୁମାଙ୍କୁ ପୁରସ୍କୃତ କରାଯାଇଥିଲା । ଆଚାର୍ଯ୍ୟ ନାଗେଶ୍ୱର ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ । ସୁକୁମାର ଦାସ ଧନ୍ୟବାଦ ଦେଇଥିଲେ ।

# ୫ ଦିନରେ ୩ ଟ୍ରେନ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର, ୧୩।୪( ସୁବାସ ଚନ୍ଦ୍ର ପାଢ଼ୀ) ଗତ ୪ ଦିନ ମଧ୍ୟରେ ଟ୍ରେନରେ ଯାତ୍ରା କରୁଥିବା ପୃଥକ ପୃଥକ ଝାଡଖଣ୍ଡ ଅଞ୍ଚଳର ୨ ଯୁବକ ଓ ଅନ୍ୟ ଜଣେ ବାଲେଶ୍ୱର ଅଞ୍ଚଳର ଯୁବକଙ୍କ ମୃତ୍ୟୁ ଘଟିଛି । ବ୍ରହ୍ମପୁର ଷ୍ଟେସନରେ ଅଚେତ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇଥିବାବେଳେ ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ପ୍ରବଳ ଭିଡରେ ଯାତ୍ରୀମାନେ ଯାତ୍ରା କରୁଥିବା ବେଳେ ଅଣନିଶ୍ୱାସୀ ହେବା ଓ ରୌଦ୍ରତାପ ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ପୋଲିସ ମୃତଦେହଗୁଡିକ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛି । ବାଲେଶ୍ୱର ଜିଲା ନୀଳଗିରି ଥାନା ଗୋପୀନାଥପୁର ଗ୍ରାମର ଅଶୋକ ସିଂ ଓ ଅନ୍ୟ କେତେ ଜଣ ଲୋକ କାମ କରିବାକୁ ତାମିଲନାଡୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଅଶୋକ ଓ ତାଙ୍କ ଗ୍ରାମର ୨ ସାଙ୍ଗ ମନ୍ମଥ ମଲିକ ଓ ଅଜୁ ସିଂ ପୁରୁଲିଆ ସୁପରଫାଷ୍ଟ ଟ୍ରେନରେ ଘରକୁ ଫେରୁଥିଲେ । ରାସ୍ତାରେ ଅଶୋକ ଅଣନିଶ୍ୱାସୀ ହୋଇ ଅଚେତ ହୋଇ ପଡିଥିଲେ । ରବିବାର ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ଅଶୋକଙ୍କୁ ତାଙ୍କ ୨ ସାଙ୍ଗ ବାହାକୁ ଆଣିଥିଲେ । ସେଠାରେ ରେଳବିଭାଗ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନଂ.୨୨/୨୬ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଗତ ୧୦ରେ ଝାଡଖଣ୍ଡ ହାତ କମାରିଆ ଥାନା ଅଞ୍ଚଳର ଅର୍ଜୁନ ଗାଗରାଇ (୨୪) କେତେ ଜଣ ସମ୍ପର୍କୀୟଙ୍କ ସହ ଚେନାଇରେ ଏକ କମ୍ପାନୀରେ କାମ କରୁଥିଲେ । ସେ ତାଙ୍କ ସମ୍ପର୍କୀୟ ପୁତୁରା ରସିକା କୋଡାଙ୍କ ସହ ଯୋଧପୁର ସୁପର ଫାଷ୍ଟ ଟ୍ରେନରେ ଘରକୁ ଫେରୁଥିଲେ । ବୁଧବାର ଇଚ୍ଛାପୁର ଷ୍ଟେସନ ପରେ ଅର୍ଜୁନ ଛାତିରେ ଯନ୍ତ୍ରଣା ଅନୁଭବ କରି ଅଚେତ ହୋଇ ପଡିଥିଲେ । ଟ୍ରେନଟି ବ୍ରହ୍ମପୁରରେ ପହଞ୍ଚିବା ପରେ ତାଙ୍କୁ ବାହାକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ନଂ.୨୦/୨୬ରେ ଏକ ମାମଲା ରୁଜୁ କରିଛି । ଝାଡଖଣ୍ଡ ଅଞ୍ଚଳର କୁନଓା କୋହରା(୪୨) ତାଙ୍କ ପୁଅ ରଞ୍ଜନ କୋହରା ଓ ଗ୍ରାମର କେତେ ଜଣ ଲୋକ କୌଣସି କାମରେ ବିଶାଖାପାଟଣା ଆସିଥିଲେ । ସେମାନେ ମଙ୍ଗଳବାର ଭାସ୍କୋଡ଼ାଗାମା-ଶାଳିମାର ଟ୍ରେନରେ ଭୁବନେଶ୍ୱର ଫେରୁଥିଲେ । କୁନଓା କୌଣସି କାରଣରୁ ଇଚ୍ଛାପୁର ନିକଟରେ ଅଚେତ ହୋଇପଡିଥିଲେ । ବ୍ରହ୍ମପୁର ଟ୍ରେନ ପହଞ୍ଚିବା ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କେସ୍ ନଂ. ୧୯/୨୬ ।

# ସିଜିମାଳି ଆନ୍ଦୋଳନକାରୀଙ୍କୁ ନ୍ୟାୟ ପାଇଁ ଗଣଧାରଣା


ବିଭିନ୍ନ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି ।

ବ୍ରହ୍ମପୁର,୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ସରକାର କମ୍ପାନୀ ପ୍ରୀତି ନୀତି ଆପଣେଇ ଆଦିବାସୀଙ୍କ ଉପରେ ଆକ୍ରମଣ କରି ମିଥ୍ୟା କେସ କରିଥିବାରୁ ସେମାନଙ୍କୁ ନ୍ୟାୟ ଦାବିରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଦ୍ଧିଜୀବୀ ଓ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି । ଗତ ୭ ତାରିଖ ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ପାହାଡ ଅଞ୍ଚଳରେ ବେଦାନ୍ତ କମ୍ପାନୀ ଖଣି ଖନନ ଓ ଖଣିଜ ପଦାର୍ଥ ଚାଲାଣ ପାଇଁ ରାସ୍ତା ନିର୍ମାଣ ଯୋଗୁ ସେମାନଙ୍କ ପୋଲିସ ଓ ପ୍ରଶାସନ ସହିତ ମୁହାଁମୁହିଁ ହୋଇଥିଲା । ସେମାନଙ୍କୁ ଲାଠି ପ୍ରହାର କରାଗଲା । ଗତ ୨୦୨୩ରୁ ହିଁ ଉକ୍ତ ଅଞ୍ଚଳରେ ଖଣି ଖନନ ପାଇଁ ରାଜ୍ୟ ସରକାର ଓ ବେଦାନ୍ତ କମ୍ପାନୀ ମଧ୍ୟରେ ଚୁକ୍ତି ହୋଇଥିଲା । ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହା ହୋଇପାରୁନଥିଲା । ତେବେ ଭାଜପା ସରକାର ଆସିବା ପରେ ସମସ୍ତ ନିୟମ ଉଲ୍ଲଂଘନ କରାଯାଇଛି । ଫଳରେ ଆଦିବାସୀଙ୍କ ଉପରେ ଦମନ ଲୀଳା ଚାଲିଛି ବୋଲି ବିଭିନ୍ନ ସଂଗଠନ ପକ୍ଷରୁ କୁହାଯାଇଛି । ୨୦୦୬ର ଜଙ୍ଗଲ ଅଧିକାର ଆଇନ ବଳରେ କେହି ଆଦିବାସୀ ଓ ପାରମ୍ପରିକ ଅଧିବାସୀଙ୍କ ଠାରୁ ଜମି ଛଡାଇ ନେଇ ପାରିବେ ନାହିଁ, କିନ୍ତୁ ଏଠି ଉକ୍ତ ଆଇନକୁ ଉଲ୍ଲଂଘନ କରାଯାଇଛି । କଂପାନୀ ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କ ଉପରେ ଆକ୍ରମଣ ନିନ୍ଦନୀୟ । ଗ୍ରାମ ସଭାକୁ ସର୍ବୋଚ୍ଚ ଅଗ୍ରାଧିକାର ଦିଆଯାଉ, ସିଜିମାଳି ଅଞ୍ଚଳର ବିଭିନ୍ନ ଗ୍ରାମରେ ପୋଲିସ କ୍ୟାମ୍ପକୁ ତୁରନ୍ତ ବନ୍ଦ କରାଯାଉ, ମିଥ୍ୟା ଆରୋପରେ ଗିରଫ ଆନ୍ଦୋଳନକାରୀଙ୍କୁ ନିଃସର୍ତ୍ତ ମୁକ୍ତି ଦିଆଯାଉ, ଜଙ୍ଗଲ ଅଧିକାର ଆଇନକୁ କଡାକଡି ଭାବେ କାର୍ଯ୍ୟକାରୀ କରି ଲୋକଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷା ଦିଆଯାଉ, ନିୟମଗିରି, ଖଣ୍ଡୁଆଳମାଳି ଓ ସିଜିମାଳିରେ ପ୍ରସ୍ତାବିତ ଖଣି ଖନନକୁ ବାତିଲ କରାଯାଉ ବୋଲି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ଦିଆଯାଇଛି । ଏହି ଧାରଣାରେ ପରିବେଶବିତ୍ ସୁଧୀର ରାଉତ,ସିପିଆଇ(ଏମଏଲ)ର ଆଇନଜୀବି ଅବନୀ ଗୟା, ଆପ୍‌ର ସୁବାସ ଚନ୍ଦ୍ର ରାଉତ,ଆଦିତ୍ୟ ନାରାୟଣ ରଥ, କୈଳାସ ଚନ୍ଦ୍ର ସେଠୀ,ସେବା ନିବୃତ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ନେତା ଅଶୋକ କୁମାର ଦଳାଇ, ଏଆଇକେକେଏସର ଶଙ୍କର ଇନକିଲାବ୍, ସିପିଆଇ (ଏମଏଲ) ରେଡଷ୍ଟାରର ପି.ପାର୍ବତୀ, ସିପିଆଇ (ଏମଏଲ) ନିଉ ଡେମୋକ୍ରେସିର ଭାଲଚନ୍ଦ୍ର ଷଡ଼ଙ୍ଗୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ଗଗନ ଚନ୍ଦ୍ର ମଲ୍ଲିକ, ଋଷିକୂଲ୍ୟା ରୟତ ମହାସଭାର ସୀମାଞ୍ଚଳ ନାହାକ ପ୍ରମୁଖ ସାମିଲ ଥିଲେ ।

# ନିଖୋଜ ଛାତ୍ରୀ ଜଙ୍ଗଲରୁ ଉଦ୍ଧାର

ଦିଗପହଣ୍ଡି,୧୩।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଏକ ଗାଁରୁ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀ (୧୬) ରବିବାର ଘରୁ ହଠାତ୍ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା । ଛାତ୍ରୀଙ୍କ ବାପା ଏନେଇ ପାଟପୁର ଥାନାରେ ଏତଲା ଦେଇଥିଲେ । ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଏତଲାକୁ ଭିତ୍ତିକରି ନଂ.୯୦/୨୬ରେ ମାମଲା ରୁଜୁ କରି ଏସଆଇ ଶ୍ରୀନିବାସ ଦାସଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ଏସ୍ଆଇ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ବିଭିନ୍ନ ରାସ୍ତାରେ ନାକାବନ୍ଦୀ କରି ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ମୋଟର ଯାଞ୍ଚ କରିବା ସହ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରିଥିଲେ । ମାତ୍ର ସମ୍ପୃକ୍ତ ଛାତ୍ରୀଙ୍କ କୌଣସି ପତ୍ତା ମିଳି ନ ଥିଲା । ପ୍ରାପ୍ତ ସୂଚନାକୁ ଭିତ୍ତିକରି ସୋମବାର ସକାଳ ୯ ଟାରେ ଛାତ୍ରୀଙ୍କ ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଅତର୍କିତ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ । ଥାନାରେ ଜଣେ ମହିଳା ଅଧିକାରୀ ଛାତ୍ରୀଙ୍କ ବୟାନ ଲିପିବଦ୍ଧ କରିବା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ପରେ ତାଙ୍କୁ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ନିକଟରେ ହାଜର କରାଯାଇଥିଲା । ମାଆବାପା ତାଙ୍କୁ ଘରକୁ ନେବାକୁ ମନା କରିବାରୁ ବ୍ରହ୍ମପୁରସ୍ଥିତ ମହିଳା ଶର୍ଟ ଷ୍ଟେ ହୋମରେ ତାଙ୍କୁ ଛଡାଯାଇଥିବା ତଦନ୍ତକାରୀ ଅଧିକାରୀ ଦାସ ପ୍ରକାଶ କରିଛନ୍ତି ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଆସିକା ୧୩।୪ (ସୁରେନ୍ଦ୍ର ନାଥ ସାହୁ) ଆସିକା ସହରର ବିଜୁପଟ୍ଟନାୟକ ଛକ ନିକଟସ୍ଥ ବଡନଦୀରୁ ସୋମବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ତାଙ୍କ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ । ଖବର ପାଇ ପୋଲିସ ଆସିକା ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରି ଆସିକା ଡାକ୍ତରଖାନା ଆଣିଥିଲେ । ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି ।

# ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଈଙ୍କୁ ଉତ୍କଳିକା ସମ୍ମାନ


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ ।

ବ୍ରହ୍ମପୁର , ୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ସୋମବାର ବ୍ରହ୍ମପୁର ଠାରେ ନାରୀ ସଶକ୍ତିକରଣ ଏବଂ ଆତ୍ମ ସମ୍ମାନର ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାରଙ୍କ ଉପସ୍ଥିତରେ ଓ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମୀନକେତନ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଲକ୍ଷ୍ମୀବାଈଙ୍କ ଭାବାନଗରସ୍ଥିତ ବାସଭବନକୁ ଯାଇ ତାଙ୍କୁ ଉତ୍କଳିକା ସମ୍ମାନରେ ସମ୍ମାନିତ କରିଥିଲେ । ସଂସ୍ଥା ପକ୍ଷରୁ ପ୍ରତିବର୍ଷ ୧୦ ପ୍ରତିଭାଧାରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଉଛି ।

# ମଣ୍ଡଳ କାରାଗାରରେ ୯୨ ଅନ୍ତେବାସୀ ଦଶମ, ଦ୍ୱାଦଶ ପରୀକ୍ଷା ଦେବେ

ବ୍ରହ୍ମପୁର ,୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜେଲ ଭିତରେ ବି ଶିକ୍ଷାଦାନର ବ୍ୟବସ୍ଥା ରହିଛି ଓ ଏଥିରେ ଅନେକ ଅନ୍ତେବାସୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ୩୮ ବିଦ୍ୟାର୍ଥୀ ଜାତୀୟ ମୁକ୍ତ ବିଦ୍ୟାଳୟ ଜରିଆରେ ଦଶମ ଓ ୫୪ ଅନ୍ତେବାସୀ ଦ୍ୱାଦଶ ପରୀକ୍ଷା ଦେବା ପାଇଁ ନିଜ ନାମ ପଞ୍ଜିକୃତ କରିଛନ୍ତି । ନାମ ପଞ୍ଜିକରଣ ପରେ ସେମାନଙ୍କୁ ଜେଲ ପକ୍ଷରୁ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଉଛି ବୋଲି ବ୍ରହ୍ମପୁର ଜେଲ ଅଧୀକ୍ଷକ ଡି.ଏନ. ବାରିକ ସୂଚନା ଦେଇଛନ୍ତି । ଜେଲ ଅଧିକ୍ଷକ ଏଠାକୁ ଆସିବା ପରେ ବନ୍ଦୀମାନଙ୍କ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କୁ କିପରି ସଠିକ ଭାବେ ପାଠ ପଢ଼ାଯାଇପାରିବ , ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ କିପରି ସାମିଲ କରାଯାଇପାରିବ ସେ ନେଇ ଏକ ଖସଡ଼ା ପ୍ରସ୍ତୁତ କରିଥିଲେ । ଚଳିତ ବର୍ଷ ଉପରୋକ୍ତ ୯୨ ଅନ୍ତେବାସୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି । ସୋମବାର ଦଶମ ଓ ଦ୍ୱାଦଶ ପରୀକ୍ଷା ଆରମ୍ଭ ହୋଇଥିଲା । ଏହା ଆସନ୍ତା ମଇ ୫ ତାରିଖ ଯାଏଁ ଚାଲିବ । ପ୍ରଥମ ଦିନ ଦଶମ ପରୀକ୍ଷା ପାଇଁ ମାତୃଭାଷା ଓଡ଼ିଆ ଥିଲା । ଆଜି ୧୩ ଅନ୍ତେବାସୀ ପରୀକ୍ଷା ଦେଇଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀର ଭୂଗୋଳ ପରୀକ୍ଷା ଥିବା ବେଳେ ୪ ଅନ୍ତେବାସୀ ପରୀକ୍ଷା ଦେଇଛନ୍ତି । ଏନେଇ ଜେଲରେ ଅନ୍ତେବାସୀଙ୍କ ଶିକ୍ଷକ ରହିଥିବା ସନାତନ ଖିଲାର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଜେଲରେ ସ୍ୱତନ୍ତ୍ର ପରୀକ୍ଷା କେନ୍ଦ୍ର କରାଯାଇଛି । ଡିପ୍ଲୋମା ଇନ ଟୁରିଜିମ, ଡିପ୍ଲୋମା ଇନ ଫୁଡ ନ୍ୟୁଟ୍ରିସନ, ଡିପ୍ଲୋମା ଇନ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ସମେତ ଆନ୍ୟନ୍ୟ ପାଠ୍ୟକ୍ରମରେ ଅନ୍ତେବାସୀ ପରୀକ୍ଷା ଦେବେ ବୋଲି ଜେଲ ପକ୍ଷରୁ ସୂଚନା ମିଳିଛି ।

# ବିନାୟକ ଆଚାର୍ଯ୍ୟ କଲେଜରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ କଲେଜରେ ସୋମବାର ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ହୋଇଛି । ଅଧକ୍ଷ ଡ. ଦେବରାଜ ସ୍ୱାଇଁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର କଲେଜ ପରିସରରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିଥିଲେ । 'ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ଏହା କରାଯାଇଥିଲା । ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନର ଭୂମିକା ସଂପର୍କରେ କହିଥିଲେ। ଆମନ୍ତ୍ରିତ ଅତିଥି ରୂପେ ପ୍ରାଧ୍ୟାପକ ଡ. ଗଗନ ବିହାରୀ ପୁରୋହିତ, ପ୍ରାଶାସନିକ ଅଧିକାରୀ ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା ଓ ଇଂରାଜୀ ବିଭାଗ ଡ. ଆନନ୍ଦ ସେଠୀ ଯୋଗଦେଇ ଓଡ଼ିଶାର ବରେଣ୍ୟ ବରପୁତ୍ରମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ ।

# ନାରୀ ଶକ୍ତିକୁ କେହି ଅଟକାଇ ପାରିବେ ନାହିଁ

## ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ପଦଯାତ୍ରା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବ୍ରହ୍ମପୁର,୧୩।୪(ଅଶୋକ କୁମାର ସାହୁ) ନାରୀ ସଶକ୍ତିକରଣ ଏବଂ ଆତ୍ମ ସମ୍ମାନର ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ନାରୀଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା ସୋମବାର ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଶେଷ ହୋଇଛି । ମହିଳାଙ୍କୁ ୩୩ ପ୍ରତି ସଂରକ୍ଷଣ ବ୍ୟବସ୍ଥା ନେଇ ଅନୁଷ୍ଠିତ ପଦଯାତ୍ରାକୁ ଅଯାଚିତ ସମର୍ଥନ ମିଳିଛି । ବିଧାୟକ କେ.ଅନିଲ କୁମାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର, ବିଇଏମସି ମେୟର ସଂଘମିତ୍ରା ଦଳେଇ, ଜିଲାପାଳ ଭି.କୀର୍ତ୍ତିଭାସନ ବିଇଏମସି କମିଶନର ଏ.ଶସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ପ୍ରମୁଖ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଖଲ୍ଲିକୋଟ ଷ୍ଟାଡିୟମରେ ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସାଧାରଣ ସଭାରେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ଯୋଗଦେଇ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ କହିଥିଲେ । ମହିଳାଙ୍କୁ ୩୩ପ୍ରତିଶତ ସଂରକ୍ଷଣ ଆସନ୍ତା ୧୮ତାରିଖରେ ସଂସଦରେ ବିଲ ପାସ ହେବ । ଏହା ନାରୀଙ୍କୁ ଏକ ସମ୍ମାନ । ନାରୀ ଶକ୍ତିକୁ କେହି ଅଟକାଇ ପାରିବେ ନାହିଁ । ସୁଭଦ୍ରା ଯୋଜନା ଦ୍ୱାରା ନାରୀମାନଙ୍କୁ ଆର୍ଥିକ ଶକ୍ତି ମିଳିଛି । ତେଣୁ ମହିଳାମାନେ ଆଗାମୀ ଦିନରେ ସମ୍ମାନର ସହ ନେତୃତ୍ୱ ନେଇପାରିବେ ବୋଲି ସେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ୨୦୨୩ରେ ପାସ ହୋଇଥିଲା । ୩୩ ପ୍ରତିଶତ ଅଧିକାର ଆଜି ଆମେ ପାଇବାକୁ ଯାଉଛୁ । ଏହା ଆମ ପାଇଁ ଗୌରବ । ଅନ୍ୟତମ ସମ୍ମାନନୀୟା ଅତିଥି ବିଇଏମସି ମେୟର କହିଥିଲେ ଯେ, ନାରିଶକ୍ତି ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବା ଆବଶ୍ୟକ । ନାରୀମାନେ ଶିକ୍ଷିତ ହେବା ଜରୁରୀ ,ଶିକ୍ଷିତ ନହେଲେ ରାଜନୈତିକ କ୍ଷେତ୍ରରେ ଆମ ଅଧିକାର ସାବ୍ୟସ୍ତ କରିପାରିବା ନାହିଁ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଇଏମସି କମିଶନର କହିଥିଲେ ଯେ, ଆଜି ଏକ ଐତିହାସିକ ଦିନ । ନାରୀମାନେ କୌଣସି କ୍ଷେତ୍ରରେ କମ କୁହନ୍ତି ବୋଲି କହିଥିଲେ । ଏହି ପଦଯାତ୍ରାରେ ଆନ୍ଧ୍ର ଭାଷା ମହିଳା ସମାଜ ସଭାପତି ଏମ୍. କମେଶ୍ୱରୀ , ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ା. ଭାରତୀ ମିଶ୍ର, ସୁଲେଖିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ ,ଜାମୁଲା ଜୟଲକ୍ଷ୍ମୀ, ସତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷ ଲଳିତା ପ୍ରଧାନ ମଞ୍ଚାସୀନ ଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

ଅଭିନନ୍ଦନ
ପବିତ୍ର ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ବ୍ରହ୍ମପୁରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା
ଶ୍ରୀ ରମେଶ ଚନ୍ଦ୍ର ଚାଉପଟ୍ଟନାୟକ
ପୂର୍ବତନ ବିଧାୟକ, ବ୍ରହ୍ମପୁର

ଅଭିନନ୍ଦନ
ପବିତ୍ର ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଧରିତ୍ରୀର ସମସ୍ତ ପାଠକପାଠିକା ଏବଂ ୱାର୍ଡ ନଂ ୩୧ର ସମସ୍ତ ଜନସାଧାରଣଙ୍କୁ ଅନେକ ଶୁଭେଚ୍ଛା
ଶ୍ରୀ ସମୀର କୁମାର ମିଶ୍ର
କର୍ପୋରେଟର, ୱାର୍ଡ ନଂ ୩୧, ବ୍ରହ୍ମପୁର

